ପ୍ରମେୟ
୨୪ ନଭେମ୍ବର ୨୦୧୫

# 'ନିରାମୟ' ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ କର୍ମଶାଳା

ଧର୍ମଶାଳା, ୨୩।୧୧ (ଆପ୍ର): ଅକ୍ସଫାମ ଇଣ୍ଡିଆ ଆନୁକୂଲ୍ୟରେ ଜାରକା ସ୍ଥିତ ପଲ୍ଲିଶ୍ରୀ ସଂଗଠନ ପକ୍ଷରୁ 'ସରକାରୀ ଡାକ୍ତରଖାନାରେ ମାଗଣା ଔଷଧ (ନିରାମୟ)' ସମ୍ପର୍କିତ ଏକ ମିଡିଆ ସଚେତନ କର୍ମଶାଳା ଜାରକା ସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସିଡିଏମଓ ଡା ଦେବେନ୍ଦ୍ର କୁମାର ଜେନା ଏହି କର୍ମଶାଳାକୁ ଉଦ୍‌ଘାଟନ କରି ଯାଜପୁର ଜିଲ୍ଲାରେ ନିରାମୟ ଯୋଜନାରେ ରୋଗୀମାନଙ୍କୁ ମାଗଣା ଔଷଧ ଦେବାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ସମେତ ଧର୍ମଶାଳା ଓ ବଡଚଣାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହା ଆରମ୍ଭ ହୋଇଛି। ଏକମାସ ମଧ୍ୟରେ ଅନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହା ଉପଲବ୍ଧ ହେବ। ମାତ୍ର ଭିତ୍ତିଭୂମିର ଅଭାବ ରହିଛି। ଆବଶ୍ୟକ ସଂଖ୍ୟକ ଫାର୍ମାସିଷ୍ଟ ଓ




କମ୍ପ୍ୟୁଟର ଅପେରଟର ନଥିବା ବେଳେ ଷ୍ଟକ୍ ରୁମ ନିର୍ମାଣ ହୋଇ ପାରି ନାହିଁ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ଅମୂଲ୍ୟ କୁମାର ପତିଙ୍କ ସଭାପତିତ୍ୱରେ ଏହି କର୍ମଶାଳାରେ ଅକ୍ସଫାମ୍‌ର କାର୍ଯ୍ୟକ୍ରମ ଅଧିକାରୀ ଜିତେନ୍ଦ୍ର ରଥ ଯୋଗଦେଇ ନିରାମୟ ଯୋଜନାର ଉଦ୍ଦେଶ୍ୟ ଓ ପ୍ରୟୋଗ ସମ୍ପର୍କରେ ଗଣମାଧ୍ୟମର ଭୂମିକା କ'ଣ ରହିବା ଆବଶ୍ୟକ ସେ ସମ୍ପର୍କରେ ଭିଡିଓ ଚିତ୍ର ମାଧ୍ୟମରେ ବୁଝାଇଥିଲେ। ସବୁ ପ୍ରକାର ରୋଗ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫୭୦ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୭୦ ପ୍ରକାର ମାଗଣା ଔଷଧ ମହଜୁଦ୍ ରହିଛି। ରୋଗୀଙ୍କ ନିମନ୍ତେ ୨୪ ଘଣ୍ଟା ଉପଲବ୍ଧ ରହିଛି ବୋଲି ଶ୍ରୀ ରଥ ସୂଚନା ଦେଇଥିଲେ। ବିଶେଷ କରି ଜିଲ୍ଲାରେ ଔଷଧର ମାନ ପରୀକ୍ଷା ନିମନ୍ତେ ନିଯୁକ୍ତି ପ୍ରାପ୍ତ ଡ୍ରଗ୍ସ ଇନିସପେକ୍ଟର ନିଜ ନିରବଦ୍ରଷ୍ଟା ସାଜିଥିବା ବେଳେ ବିଭିନ୍ନ ଔଷଧ ଦୋକାନରେ ନିମ୍ନମାନର ଔଷଧ ବିକ୍ରୟ ଚାଲିଛି ବୋଲି ସାମ୍ବାଦିକମାନେ ଉଦବେଗ ପ୍ରକାଶ କରି ସିଡିଏମ୍‌ଓଙ୍କ ନିକଟରେ ଏହାର କାର୍ଯ୍ୟକାରୀତା ନେଇ ପ୍ରଶ୍ନ କରିଥିଲେ। ପଲ୍ଲିଶ୍ରୀର ସମ୍ପାଦକ ଅଧ୍ୟାପକ ପ୍ରଶାନ୍ତ କୁମାର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସାମ୍ବାଦିକ ଅନିରୁଦ୍ଧ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବ୍ଲକରୁ ସାମ୍ବାଦିକ ଓ ସ୍ତମ୍ଭକାର ଅଂଶଗ୍ରହଣ କରିଥିଲେ।